# ଶ୍ରୀ ସାଇ ସତ୍‌ଚରିତ

(ଶ୍ରୀସାଇବାବାଙ୍କ ଅଦ୍‌ଭୁତ ଜୀବନୀ ତଥା ଅମୂଲ୍ୟ ଉପଦେଶର ଅମର ଗାଥା)




ମୂଳ ରଚନା (ମରାଠି)

ଗୋବିନ୍ଦ ରଘୁନାଥ ଦାଭୋଲକର (ହେମାଡପନ୍ତ)

ଓଡ଼ିଆ ଅନୁବାଦ : ସତ୍ୟ ଖଡ୍ଗରାୟ୍



ପ୍ରକାଶକ : ଶ୍ରୀ ଜୟନ୍ତ ମୁରଲୀଧର ସସାଣେ,

ଅଧ୍ୟକ୍ଷ, ଶ୍ରୀ ସାଇବାବା ସଂସ୍ଥାନ ଟ୍ରଷ୍ଟ, ଶିରିଡ଼ି

Published by :
Shri J.M. Sasane,
Chairman,
Shri Sai Baba Sanstha Trust, Shirdi,
Po : Shirdi, Dt : Ahmednagar.

Copyright reserved by
© Shri Saibaba Sansthan, Shirdi

Price: ₹ 75/-

Oriya translation by :
Shri Satya Khadgarai
Plot No : 7GH/1353, D-1, Sector-9,
Markat Nagar, Cuttack-753014
Ph : 94372-17555, 94374-42444

This book is available for sale at the following places :

1. Shri Sai Baba Sansthan Trust, Shirdi
Po : Shirdi, Dt : Ahmednagar.

2. Shri Sai Baba Sansthan Trust, Shirdi,
Sai Niketan, 804-B, Dr. Ambedkar Road, Dadar, Mumbai-800014

2nd Edition : December 2011
20,000 copies

Printed by : Ajay Offsets Private Limited
8A, Kaka Halwai Estate,
Pune Satara Road
Pune. Pin : 411009
Email : info@ajayoffsets.com

Prof. Dr. Harekrushna Satpathy
Vice-Chancellor,
Rastriya Sanskrit University.
Tirupati-517064 (A.P.)

To
The Executive Officer
Shri Sai Baba Sansthan Trust (Shirdi)
Po : Shirdi, Tal : Rahata, Dt : Ahmednagar.

Dear Sir,

The wonderful book Shri Sai Satcharita has no match, which gives both material and spiritual benefits to the readers. One can experience immense power of this holy book and feel living presence of Shri Sai Baba if read sincerely and with faith. Due to such kind of experience and feelings, devotees of Baba has been increasing day by day at rapid pace and Shirdi has become a must destination for pilgrims all over the world.

Odisha, the land of Lord Jagannath is not far behind. Devotees number from this state has become manifold and ever increasing since a decade or so. Number of temples has come up in every nook and corner of the state and many more are in the process of construction. At this time when there is huge demand and anxiety among devotees to know Shri Sai better, the Odiya translation of Shri Sai Satcharita has come as Baba's blessings and grace for the devotees of Odisha.

The translation is done from the original Hindi book published by the Sansthan and has been done superbly without hurting its original theme, text and flow anywhere. The book has been translated chapter by chapter, verse by verse and line by line, more so in sweet, lucid and befitting language that can be found in Gita and Bhagabat. The importance of this translation is, it is done by an eminent Journalist and writer of the State Shri Satya Khadgarai, who is also an ardent devotee of Shri Sai Baba.

I have gone through the Odiya translated version thoroughly and can say with all humility that the work is highly gratifying. The melodious language, uniqueness of the writer has made the work splendid. I hope, the book published by the Sansthan will be of immense beneficial to the millions of Sai devotees of Odisha.

May Shri Sai bless all.
Sincerely yours

19/6/2011

Dr. Harekrushna Satpathy
Vice-Chancellor,
Rastriya Sanskrit University. Tirupati.

# କୃତଜ୍ଞତା

ଏହା ଏକ ଅନନ୍ୟ ଗ୍ରନ୍ଥ । ଭାରତର ୧୧ଟି ପ୍ରାନ୍ତୀୟ ଭାଷାରେ ଏହି ଗ୍ରନ୍ଥ ଅନୂଦିତ ହୋଇ ବହୁଳ ପ୍ରସାର ଲାଭ କରିଛି । ଓଡ଼ିଆ ଭାଷାରେ ଏହି ମହାନ୍ ଗ୍ରନ୍ଥକୁ ଶ୍ରୀ ସାଇବାବା ସଂସ୍ଥାନ କର୍ତ୍ତୃପକ୍ଷ ଅନୁମୋଦନ ପ୍ରଦାନ କରିଛନ୍ତି ଏବଂ ଶିରିଡ଼ିସ୍ଥିତ ବାବାଙ୍କ ପବିତ୍ର ସମାଧି ମନ୍ଦିରରେ ଏହା ଉନ୍ମୋଚିତ ହୋଇଛି ।

ମାତ୍ର ଦୁଇ ବର୍ଷ ମଧ୍ୟରେ ଏହି ଗ୍ରନ୍ଥର ତିନୋଟି ସଂସ୍କରଣ ସମାପ୍ତ ହୋଇ ଚତୁର୍ଥ ସଂସ୍କରଣ ପ୍ରକାଶ ପାଇବା ପରେ ଏହାର ବିପୁଳ ଲୋକପ୍ରିୟତାକୁ ଦେଖି ଶ୍ରୀ ସାଇବାବା ସଂସ୍ଥାନ କର୍ତ୍ତୃପକ୍ଷ ନିଜ ତରଫରୁ ଏହାର ପ୍ରକାଶନ ପାଇଁ ନିଷ୍ପତ୍ତି ଗ୍ରହଣ କଲେ ଏବଂ  ଗ୍ରନ୍ଥର ଅନୁବାଦକ ମଧ୍ୟ ସହର୍ଷଚିତ୍ତରେ ଏହାକୁ ଶ୍ରୀ ସାଇଙ୍କର ଇଚ୍ଛା ମନେକରି ମୂଳ ପାଣ୍ଡୁଲିପିଟିକୁ ଶ୍ରୀ ସାଇବାବା ସଂସ୍ଥାନକୁ ହସ୍ତାନ୍ତର କରିବାରୁ ଏବେ ଏହା ସଂସ୍ଥାନ ତରଫରୁ ପ୍ରକାଶିତ ହେଲା । ସଂସ୍ଥାନ ଦ୍ୱାରା ପ୍ରକାଶିତ ହେବା କାରଣରୁ ଗ୍ରନ୍ଥଟି ଆହୁରି ସୁଲଭ ମୂଲ୍ୟରେ ପାଠକମାନଙ୍କୁ ଉପଲବ୍ଧ ହୋଇପାରିବ, ଫଳରେ ଅଧିକରୁ ଅଧିକ ବ୍ୟକ୍ତିଙ୍କ ନିକଟରେ ଏହି ଗ୍ରନ୍ଥ ଯେ ପହଞ୍ଚିପାରିବ, ଏଥିରେ ସନ୍ଦେହ ନାହିଁ ।

ଶ୍ରୀ ସାଇବାବା ସଂସ୍ଥାନର ଏତାଦୃଶ ପଦକ୍ଷେପ ନିମିତ୍ତ ମୁଁ ଶ୍ରୀ ସାଇବାବା ସଂସ୍ଥାନର ଅକ୍ଷ୍ୟକ୍ଷ ଶ୍ରୀ ଜୟନ୍ତ ମୁରଲୀଧର ସସାଣେ ତଥା ଅନ୍ୟାନ୍ୟ କର୍ମକର୍ତ୍ତାମାନଙ୍କୁ ସାଧୁବାଦ ଜଣାଉଛି ଏବଂ ଏହି ମହାନ୍ ଗ୍ରନ୍ଥ ପାଠକରି ଓଡ଼ିଶାର ଅଗଣିତ ସାଇଭକ୍ତ ତଥା ପାଠକଗଣ ଶ୍ରୀ ସାଇଙ୍କର ବିମଳ କୃପା ଲାଭ କରନ୍ତୁ, ଏହା କାମନା କରୁଛି ।

– ଅନୁବାଦକ

### ଓଁ ଶ୍ରୀ ପରମାତ୍ମନେ ନମଃ ।

# ଶ୍ରୀ ସାଇ ସତ୍‌ଚରିତର ମହିମା

ଶ୍ରୀ ସାଇ ସତ୍‌ଚରିତ ହେଉଛି ଶ୍ରୀ ସାଇନାଥ ମହାରାଜଙ୍କ ଜୀବନକାଳର ଘଟଣା ଏବଂ ତାଙ୍କର ଲୀଳାସମୂହର ପ୍ରତ୍ୟକ୍ଷଦର୍ଶୀ ବିବରଣୀ । ଗୋବିନ୍ଦ ରାଓ ରଘୁନାଥ ଦାଭୋଲକର ଓରଫ ହେମାଡପନ୍ତ ନାମକ ଜଣେ ବ୍ରାହ୍ମଣ ବ୍ୟକ୍ତି ଶିରିଡ଼ିରେ ଅବସ୍ଥାନ କାଳରେ ଯେଉଁସବୁ ଘଟଣା ଚାକ୍ଷୁସ କରିଥିଲେ, ସେସବୁକୁ ଏଥିରେ ସଜଳ ଭାବରେ ଲିପିବଦ୍ଧ କରିଛନ୍ତି; କିନ୍ତୁ ଗ୍ରନ୍ଥ ରଚନାର ମୂଳ ଶ୍ରେୟ ହେଉଛନ୍ତି ସ୍ୱୟଂ ଶ୍ରୀ ସାଇବାବା । ତାଙ୍କର କୃପା ବିନା ଏହି କାର୍ଯ୍ୟ କଦାପି ସମ୍ଭବ ହୋଇନଥାନ୍ତା ଏବଂ ଶ୍ରୀ ସାଇବାବା ନିଜେ ହିଁ ନିଜର ଜୀବନୀ ରଚନା କରିବେ ବୋଲି କହି ଏଥିପାଇଁ ତାଙ୍କୁ ପ୍ରେରଣା ଦେଇଥିବା କଥା ହେମାଡପନ୍ତ ସ୍ୱୀକାର କରିଛନ୍ତି ।

ଶିରିଡ଼ିରେ ବାବାଙ୍କ ଆବିର୍ଭାବ ପରଠାରୁ ତାଙ୍କର ମହାସମାଧି ପର୍ଯ୍ୟନ୍ତ ଘଟଣାଗୁଡ଼ିକର ଯଥାନୁରୂପ ଏଥିରେ ସଂକଳିତ ହୋଇଛି । ପୁଣି ଏଥିରେ ରହିଛି ଭକ୍ତମାନଙ୍କର ଆଶ୍ଚର୍ଯ୍ୟପ୍ରଦ ଅନୁଭୂତି ଓ ତା' ସହ ଶ୍ରୀ ସାଇବାବାଙ୍କର ମୁଖନିଃସୃତ ଅମୃତମୟ ବାଣୀ । ଭଗବାନ ଶ୍ରୀକୃଷ୍ଣଙ୍କ ଶ୍ରୀମୁଖରୁ ପ୍ରକାଶିତ ଗୀତା ପରି ସତ୍‌ଚରିତ ସାଇବାବାଙ୍କ ଦିବ୍ୟବାଣୀରେ ସମ୍ବଳିତ ହୋଇଥିବାରୁ ଏହାର ମହିମା ଅପାର ଓ ଅପ୍ରତିମ । ଅପ୍ରତିମ ଅର୍ଥାତ ଏହାର ତୁଳନା ନାହିଁ । ତୁଳନା ନାହିଁ କାରଣ ଏଥିରେ ଯାହା ଅଛି ତାହା ଅନ୍ୟତ୍ର ନାହିଁ ।

ଏହା ଏକ ଅତି ପ୍ରେରଣା ପ୍ରଦାୟକ ଗ୍ରନ୍ଥ । ଏମିତିରେ ତ ଶାସ୍ତ୍ର, ପୁରାଣ ଅନେକ ଅଛି; କିନ୍ତୁ ସେସବୁ ବହୁ ପ୍ରାଚୀନ ହୋଇଥିବାରୁ ସ୍ଥଳବିଶେଷରେ କଳ୍ପନାପ୍ରସୂତ ବୋଲି ମନେ ହୁଏ । ତା'ର ଚରିତ୍ରମାନ ପାଠକ ଓ ଶ୍ରୋତାମନରେ ଦୃଢ଼ ବିଶ୍ୱାସ ଜାଗ୍ରତ କରେ ନାହିଁ; କିନ୍ତୁ ସାଇ ସତ୍‌ଚରିତ ଏହି ବିଚାରରୁ ଊର୍ଦ୍ଧ୍ୱରେ । ମାନସପଟରୁ ଦୂରକୁ ଚାଲିଯିବା ପରି ଏହା ବେଶୀଦିନର କାହାଣୀ ନୁହେଁ । ମାତ୍ର ଶହେ ବର୍ଷ ତଳର ବିସ୍ମୟକର ଘଟଣାମାନ ଉପରେ ଆଧାରିତ ତଥା ଘଟଣା ସହ ସମ୍ପୃକ୍ତ ବ୍ୟକ୍ତି ଓ ପ୍ରତ୍ୟକ୍ଷଦର୍ଶୀମାନଙ୍କ ଅନୁଭୂତି ଓ ବୟାନ ଏଥିରେ ସଂକଳିତ ହୋଇଥିବାରୁ ଏହା ଏକ ପ୍ରାମାଣିକ ଗ୍ରନ୍ଥର ମର୍ଯ୍ୟାଦା ଲାଭ କରିଛି । ପୁଣି ବାସ୍ତବ ଘଟଣା ଉପରେ ଆଧାରିତ ହୋଇଥିବାରୁ ଏହାକୁ ଇତିହାସ ରୂପେ ମାନ୍ୟତା ପ୍ରଦାନ କରାଯାଇପାରିବ ।

ଶ୍ରୀ ସାଇ ସତ୍‌ଚରିତକୁ ପାଠ କଲେ ସେଥିରେ ଉଲ୍ଲିଖିତ ଘଟଣାଗୁଡ଼ିକରୁ ଶ୍ରୀ ସାଇବାବା ଯେ ଜଣେ ଅନ୍ତର୍ଯ୍ୟାମୀ ପୁରୁଷ ଥଲେ; ସେ କଥା ଥରେ ନୁହେଁ, ବାରମ୍ବାର

ସ୍ପଷ୍ଟ ହୋଇଛି । ତାଙ୍କର କାର୍ଯ୍ୟକଳାପରୁ ଜଣାପଡୁଥିଲା ଯେ ଚତୁର୍ମୁଖ ହୋଇନଥିଲେ ମଧ୍ୟ ସେ ବ୍ରହ୍ମା, ଚତୁର୍ଭୁଜ ହୋଇନଥିଲେ ମଧ୍ୟ ବିଷ୍ଣୁ ଏବଂ ତ୍ରିଲୋଚନ ହୋଇନଥିଲେ ବି ସେ ଶଙ୍କର ।

ଭକ୍ତମାନେ ତାଙ୍କୁ ନିର୍ଦ୍ୱନ୍ଦ୍ୱରେ ଦତ୍ତାତ୍ରେୟଙ୍କ ଅବତାର ବୋଲି ମନେ କରିଥାନ୍ତି । କେତେବେଳେ ସେ ଶଙ୍କରଙ୍କ ପରି ହଠାତ୍ କ୍ରୋଧାନ୍ୱିତ ହୋଇ ରୁଦ୍ରାବତାର ଧାରଣ କରୁଥିଲେ ତ ପୁଣି ପର ମୁହୂର୍ତ୍ତରେ ତପୋବର ପାଲଟିଯାଉଥିଲେ । ଭକ୍ତମାନଙ୍କର ସଂସ୍କାର କରିବାରେ ସେ ଥିଲେ ଆଶୁତୋଷଙ୍କ ସମ ଉଦାର । ସାମାନ୍ୟ ଦର୍ଶନରେ ସେ ଏପରି ଅବସ୍ଥା ସୃଷ୍ଟି କରୁଥିଲେ ଯେ ଭକ୍ତର ଚିତ୍ତ ଶୁଦ୍ଧି ହୋଇଯାଉଥିଲା । ଅବଧାନଙ୍କ ଆଗରେ ଛାତ୍ର ତ୍ରୁଟି କଲେ ନତମସ୍ତକ ହେବା ପରି ଏହି ସଂସାରରେ ଏପରି କେହି ନଥିଲେ ଯିଏକି ଏହି ସଦ୍‌ଗୁରୁଙ୍କୁ ପ୍ରବଞ୍ଚିତ କରିବାକୁ ସକ୍ଷମ ହେଉଥିଲା ।

ରୋଗ ଭଲ କରିବାରେ ତାଙ୍କର ମହିମାର ତୁଳନା ନାହିଁ । ଯିଶୁଖ୍ରୀଷ୍ଟ ଏହି ଶକ୍ତିର ଅଧିକାରୀ ଥିଲେ ଏବଂ ରୋଗୀକୁ ସୁସ୍ଥ କରୁଥିଲେ ବୋଲି ତାଙ୍କର ଅନୁଗାମୀମାନେ ବିଶ୍ୱାସ କରନ୍ତି । ସାଇନାଥ ମହାରାଜ କି ଅପୂର୍ବ ଶକ୍ତିର ଅଧିକାରୀ ଥିଲେ କେଜାଣି, ଆର୍ତ୍ତ, ଦୁଃଖୀ, ରୋଗୀର ପୀଡ଼ା ହରଣ କରି ସେ ଏକ ଅନନ୍ୟ ବିଭୂତିର ମର୍ଯ୍ୟାଦା ଲାଭ କରିଛନ୍ତି । ମା' କୋଳରୁ ନିଆଁରେ ପଡ଼ିଯାଇଥିବା ଶିଶୁଟିର ପ୍ରାଣରକ୍ଷା ପାଇଁ ସେ ଜଳନ୍ତା ଅଗ୍ନି ଭିତରେ ହାତ ପୂରାଇଦେଇଛନ୍ତି । ଗହମ ପେଷି ବିସୂଚିକା ରୋଗକୁ ନିର୍ମୂଳ କରିଦେଇଛନ୍ତି ।

ତାଙ୍କର ଶରଣ ମାତ୍ରକେ ରୋଗୀମାନଙ୍କର ବ୍ୟଥା, ବେଦନା, ସମସ୍ତ ରୋଗାଦି ଦୂର ହୋଇଯାଇଛି । ଅପୁତ୍ରିକ ସନ୍ତାନ ଲାଭ କରିଛି । କେହି ପୂର୍ଣ୍ଣ ବିଶ୍ୱାସ କରି ତାଙ୍କ ପାଖକୁ ଯାଇଛି ତ ଆଉ କେହି ପରୀକ୍ଷା କରିବା ଉଦ୍ଦେଶ୍ୟରେ ଯାଇ ପ୍ରମାଣ ନେଇ ଫେରିଛି; କିନ୍ତୁ ସମସ୍ତେ ତାଙ୍କର ବରାଭୟରେ ଉପକୃତ ହୋଇଛନ୍ତି ।

ଶ୍ରୀ ସାଇବାବା ହେଉଛନ୍ତି ଜନ୍ମ ଜନ୍ମାନ୍ତରର ସାକ୍ଷୀ । ଶ୍ୟାମାଙ୍କୁ ସେ କହିଛନ୍ତି ୭୨ ଜନ୍ମ ହେଲା ତାଙ୍କ ସହ ସମ୍ପର୍କ ରହିଛି । ଆଉ କାହା ସହ ୬୦ ଜନ୍ମର ସମ୍ପର୍କ ଥିବା ଉଲ୍ଲେଖ କରିଛନ୍ତି । ନିଷ୍ପାପ ଝିଟିପିଟି, ସର୍ପ ଓ ମଣ୍ଡୂକ, ଛାଗଳ, ବ୍ୟାଘ୍ର ଏବଂ ଅଶ୍ୱର ଅତୀତ ସେ ଦୃଷ୍ଟି ମାତ୍ରକେ ଜାଣି ତାହା ବର୍ଣ୍ଣନା କରିଛନ୍ତି । କେବଳ ବର୍ଣ୍ଣନା କରିନାହାନ୍ତି, ତାହାକୁ ସତ୍ୟ ପ୍ରମାଣିତ କରି ଉପସ୍ଥାପନ କରିଛନ୍ତି ।

ଭକ୍ତମାନଙ୍କ ସହ ତାଙ୍କର ସମ୍ପର୍କ ଓ ପ୍ରେମ କୃଷ୍ଣରସଠାରୁ କୌଣସି ଗୁଣରେ କମ୍ ନୁହେଁ । ସଦ୍‌ଗୁରୁ ମୋର ଜୀବିତ ଆତ୍ମା ସ୍ୱରୂପ ଅଟନ୍ତି ବୋଲି ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି । ବୃନ୍ଦାବନ ଓ ମଥୁରା ଯେପରି ଭଗବାନ ବାସୁଦେବଙ୍କ ପାଇଁ

ପୁଣ୍ୟଧାମରେ ପରିଣତ ହେଲା, ସେହିପରି ସାଇବାବାଙ୍କ ଯୋଗୁ  ସାଧାରଣ ଗ୍ରାମ ଶିରିଡ଼ି ଏକ ପାବନ ତୀର୍ଥଧାମରେ ପରିଣତ ହୋଇଛି । କୃଷ୍ଣଙ୍କ ସହିତ ଭକ୍ତମାନଙ୍କର ସମ୍ବନ୍ଧ ଯେପରି ରସୋତୀର୍ଣ୍ଣ, ସାଇଭକ୍ତମାନେ ସେହିପରି ପ୍ରେମ ଓ ଶ୍ରଦ୍ଧାରେ ବାବାଙ୍କ ସହିତ ବନ୍ଧା ହୋଇଛନ୍ତି ।

ଭଗବାନ କୃଷ୍ଣଙ୍କ ପରି ଶ୍ରୀ ସାଇନାଥ ମଧ୍ୟ କହିଛନ୍ତି 'ମୋର ଭକ୍ତମାନଙ୍କ ଘରେ ଅନ୍ନ ତଥା ବସ୍ତ୍ରର କେବେ ଅଭାବ ରହିବ ନାହିଁ । ଏହା ମୋର ବୈଶିଷ୍ଟ୍ୟ ଯେ ଯିଏ ମୋର ଶରଣାପନ୍ନ ହୁଏ ଏବଂ ଅନ୍ତଃକରଣରେ ମୋର ଉପାସନା କରେ, ତାହାର କଲ୍ୟାଣାର୍ଥେ ମୁଁ ସର୍ବଦା ଚିନ୍ତିତ ରହେ ।'

ସେ ପୁଣି କହିଛନ୍ତି 'ମୋର ବଚନ ପୂର୍ଣ୍ଣ କରିବା ପାଇଁ ମୁଁ ମୋର ସର୍ବସ୍ୱ ଅର୍ପଣ କରିଦେବି । ମୋ କଥା କେବେ ଅସତ୍ୟ ହେବ ନାହିଁ । ତୁମେ ଯେଉଁଠି ବି ଥାଅ, ଯାହା ଇଚ୍ଛା ତାହା କର; କିନ୍ତୁ ସର୍ବଦା ଏକଥା ସ୍ମରଣ ରଖ ଯେ ତୁମେ ଯାହା କିଛି କରୁଛ, ସେସବୁ ମୋତେ ଜ୍ଞାତ ଅଟେ । ମୁଁ ସମସ୍ତ ପ୍ରାଣୀଙ୍କର ପ୍ରଭୁ ଏବଂ ଘଟ ଘଟରେ ବ୍ୟାପ୍ତ । ମୋର ଉଦରରେ ହିଁ ସମସ୍ତ ଜଡ଼ ଓ ଚେତନ ପ୍ରାଣୀ ସମାହାର ହୋଇଛନ୍ତି ।'

ଭଗବାନ କୃଷ୍ଣ ଠିକ୍ ଏହି କଥା ଗୀତାରେ କହିଛନ୍ତି । 'ଯିଏ ଅନନ୍ୟ ଭାବରେ ମୋର ଶରଣାଗତ ହୁଏ, ମୁଁ ତାହାକୁ ଯେ କୌଣସି ପ୍ରକାର ରକ୍ଷା କରିଥାଏ ।' ଦ୍ରୌପଦୀଙ୍କ ଆତୁର ପ୍ରାର୍ଥନା ଶୁଣି ଭଗବାନ ବସ୍ତ୍ରମୟ ହୋଇ ଦୌଡ଼ି ଆସିଲେ । ଗଜରାଜର ଆର୍ତ୍ତ ପ୍ରାର୍ଥନା ଶୁଣି ତାକୁ ରକ୍ଷା କଲେ । ଧ୍ରୁବ ଏବଂ ଭକ୍ତ ପ୍ରହ୍ଲାଦର ପ୍ରାର୍ଥନାରେ ତତ୍କ୍ଷଣାତ୍ ଭଗବାନ ପ୍ରକଟ ହେଲେ; ସେହିପରି ଶ୍ରୀ ସାଇ ସମର୍ଥ ଆଜି ଲକ୍ଷ ଲକ୍ଷ ଭକ୍ତଙ୍କର ପ୍ରାର୍ଥନା ଏକ ସମୟରେ ପୂରଣ କରୁଛନ୍ତି । 'ମୋ ଉପରେ ପୂର୍ଣ୍ଣ ବିଶ୍ୱାସ ରଖ, ଯଦିଓ ମୁଁ ଦେହତ୍ୟାଗ କରିଦେବି; କିନ୍ତୁ ମୋର ଅସ୍ଥି ଆଶା ଓ ବିଶ୍ୱାସ ସଂଚାର କରିଚାଲିଥିବ । କେବଳ ମୁଁ ନୁହେଁ, ମୋର ସମାଧି ମଧ୍ୟ କଥାବାର୍ତ୍ତା କରିବ, ଚଳପ୍ରଚଳ କରିବ ଏବଂ ଯେଉଁମାନେ ଅନନ୍ୟ ଭାବରେ ମୋର ଶରଣାଗତ ହେବେ, ସେମାନଙ୍କ ମଧ୍ୟରେ ଆଶାର ସନ୍ଦେଶ ପହଞ୍ଚାଉଥିବ । ମୁଁ ତୁମଠାରୁ ବିଦାୟ ନେଇଯାଉଛି ଭାବି ନିରାଶ ହେବ ନାହିଁ । ତୁମେ ମୋର ଅସ୍ଥିକୁ ସର୍ବଦା ଭକ୍ତମାନଙ୍କ କଲ୍ୟାଣ ନିମିତ୍ତ ଚିନ୍ତିତ ଥିବା ଦେଖିବାକୁ ପାଇବ ।'- ଯେଉଁ ଦୃଢ଼ତାର ସହ ଶ୍ରୀ ସାଇ ମହାରାଜ ତାଙ୍କର ଜୀବଦ୍ଦଶାରେ ଏହି ଘୋଷଣା କରିଥିଲେ, ଆଜି ତାହା ଭକ୍ତମାନେ ନିରନ୍ତର ଅନୁଭବ କରୁଛନ୍ତି । ତାଙ୍କର ଗୋଟିଏ ଗୋଟିଏ ଉକ୍ତି ସତ୍ୟ ପ୍ରମାଣିତ ହେବାରେ ଲାଗିଛି । ସାଧାରଣ ଗ୍ରାମ ଶିରିଡ଼ିକୁ ଦିନେ ପିମ୍ପୁଡ଼ି ଭଳି ଲୋକଙ୍କର ସୁଅ ଛୁଟିବ

ବୋଲି ସେ କହିଥିଲେ, ତାହା ଆଜି ସତ୍ୟ ସାବ୍ୟସ୍ତ ହୋଇଛି ।

ଏହିପରି ଜଣେ ମହାନ୍ ଅବତାରଙ୍କର ମହିମା କିଏ ଯଥାର୍ଥରେ ବର୍ଣ୍ଣନା କରିପାରିବ ? ଯାହାଙ୍କର ସାନ୍ନିଧ୍ୟ ଲାଭ କରି ନିମ୍ବ ବୃକ୍ଷ ପିତାଯୁକ୍ତ ହୋଇ ମଧ୍ୟ ଅମୃତ ବର୍ଷା କରିବାରେ ଲାଗିଲା, ତାଙ୍କର ତୁଳନା କାହା ସହ କରାଯାଇପାରିବ ? ଉଭୟ ଭୌତିକ ଓ ଆଧ୍ୟାତ୍ମିକ ଜଗତରେ ତାଙ୍କର ଲୀଳା ଅବର୍ଣ୍ଣନୀୟ । ନଦୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ଗଙ୍ଗାନଦୀ ମଧ୍ୟ ଯାହାର ଚରଣାମ୍ବୁଜ ପାଇଁ ଅହେତୁକ ପ୍ରତୀକ୍ଷାରେ ରହିଥାଏ ସେହି ସାଇଙ୍କର ଚରଣ ଯୁଗଳରେ କୋଟି କୋଟି ପ୍ରଣାମ ।

ପ୍ରସିଦ୍ଧ ଭକ୍ତ ଦାସଗଣୁ ସେଦିନ ଆଶ୍ଚର୍ଯ୍ୟରେ ଅଭିଭୂତ ହୋଇଗଲେ, ଯେଉଁଦିନ ବାବାଙ୍କର ପଦାରବିନ୍ଦରୁ ଗଙ୍ଗା ଓ ଯମୁନା ଦୁଇଧାର ହୋଇ ନିର୍ଗତ ହେଉଥିବାର ଦେଖିବାକୁ ପାଇଲେ । ବାସ୍ତବରେ ସାଇଙ୍କ କୃପା ଏହିପରି ଯେ ସମସ୍ତ ଇଚ୍ଛାକୁ ପୂରଣ କରୁଥିବା ଚିନ୍ତାମଣି ଏବଂ କାମଧେନୁ ସହ ମଧ୍ୟ ତାଙ୍କର ତୁଳନା କରାଯାଇପାରିବ ନାହିଁ ।

ଶ୍ରୀ ସାଇନାଥଙ୍କୁ ଯଦି ଗୁରୁ ବୋଲି ମନେକରାଯାଏ ତାହେଲେ ତାଙ୍କ ଭଳି କଲ୍ୟାଣକାରୀ ଗୁରୁ ଆଉ ନାହାନ୍ତି । ତାଙ୍କୁ ଯଦି ସିଦ୍ଧ ଯୋଗୀ କିମ୍ବା ସନ୍ଥ ବୋଲି ମନେକରାଯାଏ ତାହେଲେ ସେ ତାହାର ଶ୍ରେଷ୍ଠ ସୋପାନରେ ପହଞ୍ଚିଛନ୍ତି ବୋଲି ସମସ୍ତ ଆଧାରରେ କୁହାଯାଇପାରିବ । ଆଉ ଯଦି ଏ ସବୁକୁ ସ୍ୱୀକାର କରାଯାଏ ତଥା 'ସତ୍ୟ ହିଁ ଯଦି ଈଶ୍ୱର' ଉକ୍ତିକୁ ଗ୍ରହଣ କରାଯାଏ ତାହେଲେ ତାଙ୍କର ସମସ୍ତ ଗୁଣ ପରଂବ୍ରହ୍ମ ସ୍ୱରୂପଠାରୁ ଯେ ଭିନ୍ନ ନୁହେଁ, ଏଥିରେ ସନ୍ଦେହ ନାହିଁ ।

ଏହା ସତ୍ୟ ଯେ ଭଗବାନଙ୍କର ମହିମା ଅନନ୍ତ ଏବଂ ସ୍ୱୟଂ ବ୍ରହ୍ମା ମଧ୍ୟ ତାଙ୍କର ସ୍ୱରୂପ ବୁଝିନାହାନ୍ତି । ଏପରି ସ୍ଥଳରେ ଶ୍ରୀ ସାଇବାବା ଯେପରି ଭାବରେ ସୂକ୍ଷ୍ମ ଶରୀରରେ ଲୀଳା ପ୍ରକଟ କରି ପ୍ରତି ମୁହୂର୍ତ୍ତରେ ଭଗବାନଙ୍କର ସତ୍ତା ଉପଲବ୍ଧ କରାଉଛନ୍ତି ତାହା କିଏ ବା ବୁଝିପାରିବ । ଖୁବ ଶୀଘ୍ର ଏହା ବୈଜ୍ଞାନିକମାନଙ୍କର ଗବେଷଣାର ବିଷୟ ହୋଇପଡ଼ିଲେ କେହି ଆଶ୍ଚର୍ଯ୍ୟ ହେବାର ନାହିଁ ।

ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି ଅଶ୍ୱତ୍ଥମା, ବଳି, ବ୍ୟାସ, ହନୁମାନ, ବିଭୀଷଣ, କୃପାଚାର୍ଯ୍ୟ ଏବଂ ପରଶୁରାମ ଏହି ସାତଜଣ ଚିରଞ୍ଜୀବୀ ଏବଂ ସୂକ୍ଷ୍ମ ଶରୀରରେ ସର୍ବଦା ବିଦ୍ୟମାନ ଅଛନ୍ତି । କିନ୍ତୁ ଶ୍ରୀ ସାଇ ସମର୍ଥ ଏ ସମସ୍ତଙ୍କଠାରୁ ମଧ୍ୟ ମହିମାନ୍ୱିତ । ତାଙ୍କର ଅପାର ଲୀଳା ଓ ସୂକ୍ଷ୍ମରୂପରେ ଜଗତର କଲ୍ୟାଣ ନିମନ୍ତେ ସତତ ପ୍ରୟାସର ପଟାନ୍ତର ନାହିଁ ।

ଶ୍ରୀ ସାଇ ସତ୍‌ଚରିତ ଏହି ମହାନ୍ ସାଇଦେବଙ୍କର ଶ୍ୱାସ, ହୃଦୟ ଏବଂ ତାଙ୍କର

ବାଙ୍ମୟୀ ମୂର୍ତ୍ତି । ତେଣୁ ତାଙ୍କର ଆଜ୍ଞାପାଳନ ଓ ଅନୁକରଣ କରୁଥିବା ଲୋକଙ୍କ କଥା କ'ଣ କହିବା, ବାସ୍ତବରେ ସଂସାରରେ ସତ୍‌ଚରିତ ଭଳି ଜୀବନ୍ତ ଅନୁଭୂତି ପ୍ରଦାନ କରୁଥିବା ଗ୍ରନ୍ଥ ନାହିଁ । ଅନ୍ୟ ଶାସ୍ତ୍ରମାନଙ୍କଠାରୁ ଏହା ଅଧିକ ଜନପ୍ରିୟ; କାରଣ ଅନ୍ୟ ଶାସ୍ତ୍ରଗୁଡ଼ିକ କେବଳ ବୁଦ୍ଧିଜୀବୀ, ଗଭୀର ଆଧ୍ୟାତ୍ମିକ ପିପାସୁ ଏବଂ ଦୃଢ଼ ମନୋବଳର ଅଧିକାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ହୋଇପାରେ; କିନ୍ତୁ ସାଧାରଣ ପାଠକ ମଧ୍ୟ ସତ୍‌ଚରିତ ପାଠ କରି ସମାନ ପରିମାଣରେ ଆତ୍ମସାକ୍ଷାତକାର ମାର୍ଗରେ ଅଗ୍ରସର ହୋଇପାରିବ । ଦୃଷ୍ଟାନ୍ତ ଏବଂ ଆଶ୍ଚର୍ଯ୍ୟପ୍ରଦ ଘଟଣାରେ ପରିପୂର୍ଣ୍ଣ ହୋଇଥିବାରୁ ଅନ୍ୟ ଗ୍ରନ୍ଥମାନଙ୍କ ତୁଳନାରେ ଏହା ସର୍ବାଧିକ ପ୍ରେରଣାପ୍ରଦାୟକ ଓ ଫଳପ୍ରଦ ଗ୍ରନ୍ଥ ଅଟେ ଏଥିରେ ସନ୍ଦେହ ନାହିଁ ।

## ଅନୁବାଦକଙ୍କ କଥା

ଏହି ମହାନ୍ ଗ୍ରନ୍ଥର ଭାଷାନ୍ତର ତାଙ୍କର କୃପା ନଥିଲେ କିପରି ବା ହୋଇପାରିବ ? ଅନେକ ଚେଷ୍ଟା କରି ଯାହା ହେଉନଥାଏ ତାଙ୍କ ପ୍ରତି ସମର୍ପଣ କରିଦେଲେ ତାହା କ୍ଷଣକରେ ପୂର୍ଣ୍ଣ ହୋଇଯାଏ । ମାତ୍ର ସତର ଦିନ ଭିତରେ ଏହି ଗ୍ରନ୍ଥର ଅନୁବାଦ କାର୍ଯ୍ୟ ପୂର୍ଣ୍ଣ ହେଲା ଏବଂ ତାଙ୍କର ପଦାରବିନ୍ଦରେ ସମାଧି ମନ୍ଦିରରେ ତାଙ୍କୁ ହିଁ ଅର୍ପଣ କରିଦେଲି । ଗୁରୁଙ୍କର କଥା କିଏ ବା ଲେଖିପାରିବ ? ପୁଣି ତାଙ୍କୁ ଗୁରୁଙ୍କୁ ଦେଖାଇବାର ସାହସ କିପରି ବା ହେବ ? ତଥାପି ଲାଜ ଓ ସଂକୋଚ ପରିତ୍ୟାଗ କରି ଭଲ ଓ ମନ୍ଦ ଉଭୟକୁ ତାଙ୍କର ଚରଣରେ ଅର୍ପଣ କରି ଏହି ଗ୍ରନ୍ଥାନୁବାଦ ସାକାର ହୋଇପାରିଥିବାରୁ ନିଜକୁ ଧନ୍ୟ ମନେ କରୁଛି । ଶ୍ରଦ୍ଧାଶୀଳ ପାଠକମାନେ ଏହାକୁ ଯଥାର୍ଥ ମନେ କଲେ ଶ୍ରମ ସାର୍ଥକ ହେବ ।

–ସତ୍ୟ ଖଡ଼୍‌ଗରାୟ

# ସୂଚୀପତ୍ର

## ।। ପ୍ରଥମ ଦିନ ପାରାୟଣ ।।


| ଅଧ୍ୟାୟ | | ପୃଷ୍ଠା |
|---|---|---|
| (୧) | ପ୍ରାର୍ଥନା : ଗହମ ପେଷୁଥିବା ଜଣେ ଅଦ୍‌ଭୁତ ସନ୍ଥ, ଗହମ ପେଷିବାର କାହାଣୀ ଓ ଏହାର ତାତ୍ପର୍ଯ୍ୟ | ୧୫ - ୧୮ |
| (୨) | ଗ୍ରନ୍ଥ ରଚନାର ଅଭିପ୍ରାୟ, କାର୍ଯ୍ୟାରମ୍ଭରେ ଅସାମର୍ଥ୍ୟ ଓ ସାହସର ଅଭାବ, ହେମାଡପନ୍ତ ଉପାଧିର ତାତ୍ପର୍ଯ୍ୟ ଏବଂ ଗୁରୁଙ୍କ ଆବଶ୍ୟକତା । | ୧୯-୨୫ |
| (୩) | ଶ୍ରୀ ସାଇବାବାଙ୍କ ସ୍ୱୀକୃତି ଏବଂ ପ୍ରତିଜ୍ଞା, ଭକ୍ତଙ୍କୁ ଦାୟିତ୍ୱ ଅର୍ପଣ, ବାବାଙ୍କ ଲୀଳାମାନ ଜ୍ୟୋତିସ୍ତମ୍ଭ ସ୍ୱରୂପ, ମାତୃପ୍ରେମ, ରୋହିଲାଙ୍କ କାହାଣୀ ଏବଂ ତାଙ୍କର ମଧୁର ଉପଦେଶ | ୨୬-୩୦ |
| (୪) | ଶିରିଡ଼ିକୁ ଶ୍ରୀ ସାଇବାବାଙ୍କ ପ୍ରଥମ ଆଗମନ, ସନ୍ଥଙ୍କ ଅବତାର ଲୀଳା, ପବିତ୍ର ତୀର୍ଥ ଶିରିଡ଼ି, ଶ୍ରୀ ସାଇବାବାଙ୍କ ବ୍ୟକ୍ତିତ୍ୱ, ଗୌଲି ବୁବାଙ୍କ ଅନୁଭବ, ଶ୍ରୀ ବିଠ୍‌ଠଲ ଭଗବାନଙ୍କ ପ୍ରକଟ, କ୍ଷୀର ସାଗର କଥା, ଦାସଗଣୁଙ୍କ ପ୍ରୟାଗ ସ୍ନାନ, ତିନ୍ ୱାଡ଼ା । | ୩୧-୩୯ |
| (୫) | ଚାନ୍ଦ ପାଟିଲଙ୍କ ବରଯାତ୍ରୀ ଦଳ ସହ ଶ୍ରୀ ସାଇବାବାଙ୍କ ପୁନଃଆଗମନ, ଅଭିନନ୍ଦନ ତଥା 'ଶ୍ରୀ ସାଇ' ନାମରେ ସମ୍ବୋଧନ, ଅନ୍ୟ ସନ୍ଥମାନଙ୍କ ସହ ସାକ୍ଷାତ, ବେଶଭୂଷା ଏବଂ ନିତ୍ୟ କାର୍ଯ୍ୟକ୍ରମ, ପାଦୁକା କଥା, ମୋହିଦ୍ଦିନଙ୍କ ସହ କୁସ୍ତି ଓ ଜୀବନଧାରାରେ ପରିବର୍ତ୍ତନ, ଜଳର ତୈଳ ରୂପାନ୍ତର, ଗୁରୁ ଜୋହରଅଲ୍ଲୀ । | ୪୦-୪୮ |
| (୬) | ରାମ ନବମୀ ଉତ୍ସବ, ମସଜିଦ୍‌ର ଜୀର୍ଣ୍ଣୋଦ୍ଧାର, ଗୁରୁଙ୍କ କର ସ୍ପର୍ଶର ମହିମା, ଚନ୍ଦନ ସମାରୋହ, ଉର୍ସ ଏବଂ ରାମନବମୀର ସମନ୍ୱୟ, ମସଜିଦ୍‌ର ଜୀର୍ଣ୍ଣୋଦ୍ଧାର । | ୪୯-୫୭ |


## ।। ଦ୍ୱିତୀୟ ଦିନ ପାରାୟଣ ।।


| | | |
|---|---|---|
| (୭) | ଅଦ୍‌ଭୁତ ଅବତାର, ଶ୍ରୀ ସାଇବାବାଙ୍କ ପ୍ରକୃତି ଓ ତାଙ୍କର ଯୋଗ କ୍ରିୟା, ସର୍ବବ୍ୟାପକତା, କୁଷ୍ଠ ରୋଗୀଙ୍କ | |

ସେବା, ଖପର୍ଦ୍ଦେଙ୍କ ପୁତ୍ରର ପ୍ଲେଗ ରୋଗ, ପଣ୍ଡରପୁର ଯାତ୍ରା । ୫୮-୬୫
(୮) ମାନବ ଜନ୍ମର ମହତ୍ତ୍ୱ, ଶ୍ରୀ ସାଇବାବାଙ୍କ ଭିକ୍ଷାବୃତ୍ତି,
ବାୟଜାବାଈଙ୍କ ସେବା ଶୁଶ୍ରୂଷା, ଶ୍ରୀ ସାଇବାବାଙ୍କ ଶୟନକକ୍ଷ,
ଖୁସାଲଚନ୍ଦଙ୍କ ପ୍ରତି ପ୍ରେମ । ୬୬-୭୧
(୯) ପ୍ରତ୍ୟାବର୍ତ୍ତନ ସମୟରେ ବାବାଙ୍କ ଆଦେଶ ପାଳନ ଏବଂ
ଅବଜ୍ଞାର ପରିଣତି, ଭିକ୍ଷାବୃତ୍ତି ଓ ତାହାର ଆବଶ୍ୟକତା,
ଭକ୍ତମାନଙ୍କର ଅନୁଭୂତି । ୭୨-୭୮
(୧୦) ଶ୍ରୀ ସାଇବାବାଙ୍କ ନିତ୍ୟଚର୍ଯ୍ୟା, ଶୟନ ଖଟ,
ଶିରିଡ଼ିରେ ନିବାସ, ତାଙ୍କର ଉପଦେଶ ଓ ବିନମ୍ରତା,
ନାନାବଳୀ, ସୁଗମ ପଥ ୭୯-୮୫
(୧୧) ସଗୁଣ ବ୍ରହ୍ମ ଶ୍ରୀ ସାଇବାବା, ବାବାଙ୍କ ମସ୍ତକରେ ତିପୁଣ୍ଡ,
ହାଜିଙ୍କ ପରୀକ୍ଷା ଓ ପୁରସ୍କାର, ପଞ୍ଚଭୂତ ଉପରେ ନିୟନ୍ତ୍ରଣ । ୮୬-୯୦
(୧୨) (୧) କାକା ମହାଜନୀ (୨) ଧୂମାଲ ଓକିଲ
(୩) ଶ୍ରୀମତୀ ନିମୋଣକର (୪) ନାସିକର ମୂଳେ ଶାସ୍ତ୍ରୀ
(୫) ଡାକ୍ତରଙ୍କ ଶ୍ରୀରାମ ଦର୍ଶନ ୯୧-୯୫
(୧୩) ଅନ୍ୟାନ୍ୟ ଲୀଳା : ରୋଗ ନିବାରଣ, (୧)ଭୀମାଜୀ ପାଟିଲ
(୨) କୁକୁରକୁ ଖାଦ୍ୟ ଓ ଜ୍ୱରରୁ ମୁକ୍ତି
(୩) ବୁଟୀଙ୍କୁ ବାବାଙ୍କ ବିଚିତ୍ର ଔଷଧ (୪) ଆଳନ୍ଦୀସ୍ୱାମୀଙ୍କ ରୋଗ
ଆଲ୍ଲା ଭଲ କଲେ (୫) ଆମାଶୟ ରୋଗର ବାଦାମ ଔଷଧ
(୬) ବାବାଙ୍କ ବରଦହସ୍ତ ୯୬-୧୦୧

## (ତୃତୀୟ ଦିନ ପାରାୟଣ)

(୧୪) ବାବାଙ୍କ ତ୍ରିକାଳଦର୍ଶିତା ଓ ରତନଜୀଙ୍କୁ ସନ୍ତାନପ୍ରାପ୍ତି,
ସନ୍ଥ ମୌଲା ସାହେବ, ଦକ୍ଷିଣା ମୀମାଂସା, ଗଣପତରାଓ ବୋଡ଼ସ,
ଶ୍ରୀମତୀ ତର୍ଖଡ଼, ଦକ୍ଷିଣାର ମର୍ମ ୧୦୨-୧୦୮
(୧୫) ନାରଦୀୟ କୀର୍ତ୍ତନ ପଦ୍ଧତି, ଶ୍ରୀ ଚଲୋକରଙ୍କ ଚିନିରହିତ
ଚାହା, ଦୁଇ ଝିଟିପିଟିଙ୍କ ମିଳନ କଥା ୧୦୯-୧୧୨
(୧୬ ଓ ୧୭)ଶୀଘ୍ର ବ୍ରହ୍ମଜ୍ଞାନ ପ୍ରାପ୍ତି, ବ୍ରହ୍ମଜ୍ଞାନର ଯୋଗ୍ୟତା,
ବାବାଙ୍କର ଉପଦେଶ, ବାବାଙ୍କ ବୈଶିଷ୍ଟ୍ୟ ୧୧୩-୧୧୮
(୧୮ ଓ ୧୯) ହେମାଡପନ୍ତଙ୍କ ଉପରେ ବାବାଙ୍କ କୃପା, ସ୍ୱପ୍ନରେ
ଗୁରୁଚରିତ ଓ ସାଠେ, ଉତ୍ତମ ବିଚାରକୁ ପ୍ରୋତ୍ସାହନ, ଅନ୍ନଜଳ

| | | |
|---|---|---|
| | ତ୍ୟାଗ ଓ ବାବାଙ୍କ ଧୈର୍ଯ୍ୟରକ୍ଷା ମନ୍ତ୍ର, ନିନ୍ଦା ସମ୍ବନ୍ଧୀୟ ଉପଦେଶ ଏବଂ ପରିଶ୍ରମର ମୂଲ୍ୟ | ୧୧୯-୧୩୧ |
| (୨୦) | କାକାସାହେବଙ୍କ ଭୃତ୍ୟ ଦ୍ୱାରା ଦାସଗଣୁଙ୍କ ସମସ୍ୟାର ବିଲକ୍ଷଣ ସମାଧାନ, ଅଦ୍ୱିତୀୟ ଶିକ୍ଷା ପଦ୍ଧତି, ଇଷୋପନିଷଦ ଶିକ୍ଷା । | ୧୩୨-୧୩୬ |
| (୨୧) | (୧) ଗୁରୁକୃପା ବିନା ଗ୍ରନ୍ଥାବଲୋକନ ନିରର୍ଥକ<br>(୨) ଘୋଡ଼ାର ଲେଦି ଅଥଃ ନବଧା ଭକ୍ତି<br>(୩) ପଣ୍ଡରପୁରର ଓକିଲଙ୍କ କଥା | ୧୩୭-୧୪୧ |
| (୨୨) | ସର୍ପଦଂଶନରୁ ରକ୍ଷା, ଜ୍ୟୋତିଷଙ୍କ ମୃତ୍ୟୁ ଗଣନା ଏବଂ ବାବାଙ୍କ ବିଚାର | ୧୪୨-୧୪୭ |


**(ଚତୁର୍ଥ ଦିନ ପାରାୟଣ)**

| | | |
|---|---|---|
| (୨୩) | ଯୋଗ ଏବଂ ପିଆଜ, ଶ୍ୟାମାଙ୍କର ସର୍ପଦଂଶନରୁ ମୁକ୍ତି, ବିସୂଚିକା ନିବାରଣ ଓ ଗୁରୁ ଭକ୍ତିର କଠିନ ପରୀକ୍ଷା | ୧୪୮-୧୫୩ |
| (୨୪) | ବାବାଙ୍କ ହାସ୍ୟ ବିନୋଦ, ଚଣା ଲୀଳା(ହେମାଡପନ୍ତ) ଓ ସୁଦାମାଙ୍କ କଥା, ଅଣା ଚିଞ୍ଚଣିକର ଏବଂ ମୌସିବାଇ, ବାବାଙ୍କର ଭକ୍ତ ପରାୟଣତା । | ୧୫୪-୧୫୮ |
| (୨୫) | ଦାମୁ ଅଣା କାସାର ଏବଂ ତାଙ୍କର ବ୍ୟବସାୟ । ଆମ୍ର ଲୀଳା ଓ ପ୍ରାର୍ଥନା । | ୧୫୯-୧୬୪ |
| (୨୬) | ଭକ୍ତ ପନ୍ତ, ହରିଶ୍ଚନ୍ଦ୍ର ପିତଲେ ଏବଂ ଜନ୍ମଜନ୍ମାନ୍ତରର ସାକ୍ଷୀ, ଆମ୍ବେଦକରଙ୍କ ଆତ୍ମହତ୍ୟା ଇଛା | ୧୬୫-୧୭୦ |
| (୨୭) | ଭାଗବତ ଏବଂ ବିଷ୍ଣୁସହସ୍ର ନାମ ଦ୍ୱାରା ଅନୁଗ୍ରହ, ଗୀତା ରହସ୍ୟ, ଶିଷ୍ୟର ସେବା ଓ ଗୁରୁଙ୍କ ଶକ୍ତିପାତ । | ୧୭୧-୧୭୭ |
| (୨୮) | ଡୋରି ଲଗାଇ ଶିରିଡ଼ିକୁ ଟାଣିଆଣିବା, ଧାର କରି ତୀର୍ଥଯାତ୍ରାକୁ ବାରଣ, ଖେଚୁଡ଼ି ପ୍ରସାଦ ଏବଂ ମେଘାଙ୍କର ନିର୍ବାଣ | ୧୭୮-୧୮୫ |


**(ପଞ୍ଚମ ଦିନ ପାରାୟଣ)**

| | | |
|---|---|---|
| (୨୯) | ମାଦ୍ରାସୀ ସଂକୀର୍ତ୍ତନ ମଣ୍ଡଳୀ ଓ ବାବାଙ୍କ ଅଦ୍‌ଭୁତ ଦର୍ଶନ, ଜ୍ୟୋତିଷବାଣୀ ଖଣ୍ଡନ ଓ ପରୀକ୍ଷାରେ ସଫଳତା ଏବଂ କ୍ୟାପଟେନ ହାଟେଙ୍କ ସ୍ୱପ୍ନ ଓ ବଲପପଡ଼ି ଭୋଗ | ୧୮୬-୧୯୩ |

(୩୦) ବାବାଙ୍କ ଶରଣରେ ଯିବା ପାଇଁ ଦେବୀଙ୍କ ସ୍ୱପ୍ନାଦେଶ ଓ
ଦେବୀ ଇଚ୍ଛାର ବିଚିତ୍ର କାର୍ଯ୍ୟାନ୍ୱୟନ ୧୯୪-୧୯୮
(୩୧) (୧)ସନ୍ନ୍ୟାସୀ ବିଜୟାନନ୍ଦ (୨) ବାଲାରାମ ମାନକର
(୩) ନୁଲକର (୪) ବାଘର ମୁକ୍ତି ୧୯୯-୨୦୪
(୩୨) ବାବାଙ୍କର ଗୁରୁ ଅନ୍ୱେଷଣ, ଉପବାସ ଅମାନ୍ୟ,
ବାବାଙ୍କ ମାଲିକ୍ । ୨୦୫-୨୧୨
(୩୩) ବିଛା ଦଂଶନ, ପ୍ଲେଗ ରୋଗରୁ ମୁକ୍ତି, ଜାମନେରରେ
ଚମତ୍କାର, ବାବା ଏବେ ବି ଜାଗ୍ରତ, ଫଟୋ ଦ୍ୱାରା
ବାବାଙ୍କ ସଗୁଣ ଦର୍ଶନ ୨୧୩-୨୨୦
(୩୪) ଉଦିର ମହିମା(ଦ୍ୱିତୀୟ ଭାଗ) : ଦ୍ୱାରକାମାୟୀର
ରୋଗ ନାଶକାରୀ ପାହାଚ, ଡାକ୍ତର ପିଲ୍ଲେଙ୍କ ଯନ୍ତ୍ରଣା ଓ
କାଉ ଚିକିତ୍ସା ୨୨୧-୨୨୬
(୩୫) ବାବାଙ୍କ ଦର୍ଶନ ପାଇଁ ସର୍ତ୍ତ, ବାବାଙ୍କ ପରୀକ୍ଷା
ଯୋଜନା, ସର୍ପରୂପୀ ବାବା ୨୨୭-୨୩୨

**(ଷଷ୍ଠ ଦିନ ପାରାୟଣ)**

(୩୬) ବାବାଙ୍କ ସର୍ବଜ୍ଞାତାର ପରିଚୟ, ଶ୍ରୀଫଳ ଅର୍ପଣ
ଓ ସନ୍ତାନ ପ୍ରାପ୍ତି ୨୩୩-୨୩୯
(୩୭) ଚଭାଡ଼ି ସମାରୋହ ୨୪୦-୨୪୪
(୩୮) ବାବାଙ୍କର ପାକପାତ୍ର(ହାଣ୍ଡି) ନାନାସାହେବଙ୍କ ଦ୍ୱାରା
ଦେବମୂର୍ତ୍ତିଙ୍କର ଉପେକ୍ଷା, ନୈବେଦ୍ୟ ବିତରଣ,
ଚହ୍ଲା ପ୍ରସାଦ । ୨୪୫-୨୪୯
(୩୯) ବାବାଙ୍କର ସଂସ୍କୃତ ଜ୍ଞାନ ଓ ଗୀତା ଟୀକା,
ସମାଧି ମନ୍ଦିର ନିର୍ମାଣ ୨୫୦-୨୫୬
(୪୦) ବାବାଙ୍କ ବିସ୍ମୟ ଲୀଳା : ବି.ଭି. ଦେବଙ୍କ ମାତାଙ୍କ
ଉଦ୍‌ଯାପନ ସମାରୋହ ଏବଂ ହେମାଡପନ୍ତଙ୍କ
ଭୋଜିରେ ଯୋଗଦାନ ୨୫୭-୨୬୧
(୪୧) ଫଟୋ ବୃତ୍ତାନ୍ତ, ଛିନ୍ନବସ୍ତ୍ର ଚୋରି ଏବଂ
ଜ୍ଞାନେଶ୍ୱରୀ ପଠନ କଥା । ୨୬୨-୨୬୬
(୪୨) ମହାସମାଧି ପଥରେ ଯାତ୍ରା, ଭବିଷ୍ୟ ସୂଚନା, ରାମଚନ୍ଦ୍ର
ଦାଦା ପାଟିଲ ଏବଂ ତାତ୍ୟା କୋତେ ପାଟିଲଙ୍କ

ମୃତ୍ୟୁ ଟାଳିବା,  ଲକ୍ଷ୍ମୀବାଈ ସିନ୍ଧେଙ୍କୁ ଦାନ, ସମସ୍ତ ପ୍ରାଣୀଙ୍କ
ମଧ୍ୟରେ ବାବାଙ୍କ ନିବାସ, ଅନ୍ତିମ କ୍ଷଣ ।  ୨୬୭-୨୭୨

## (ସପ୍ତମ ଦିନ ପାରାୟଣ)

(୪୩ ଓ ୪୪ ) ମହାସମାଧି ପଥରେ, ପୂର୍ବ ନିର୍ମିତ ସମାଧି ମନ୍ଦିର,
ଇଟା ଭଗ୍ନ କଥା, ୭୨ ଘଣ୍ଟା ସମାଧି, ବାପୁସାହେବ ଯୋଗଙ୍କ
ସନ୍ନ୍ୟାସ ଗ୍ରହଣ, ବାବାଙ୍କର ଅମୃତତୁଲ୍ୟ ବଚନ ।  ୨୭୩-୨୮୦
(୪୫) ନବନାଥଙ୍କ ସମାନ ଭକ୍ତି, ବାବାଙ୍କର
ଶୟନ ନିମନ୍ତେ କାଷ୍ଠ ପଟା  ୨୮୧-୨୮୫
(୪୬) ବାବାଙ୍କର ଗୟା ଯାତ୍ରା, ଛାଗଳର ପୂର୍ବ ଜନ୍ମର କଥା  ୨୮୬-୨୮୯
(୪୭) ସର୍ପ ଓ ମଣ୍ଡୂକର ପୁନର୍ଜନ୍ମ ବୃତ୍ତାନ୍ତ : ବୀରଭଦ୍ରପ୍ପା
ଏବଂ ଚେନବସାପ୍ପା  ୨୯୦-୨୯୪
(୪୮) ଶ୍ରୀ ସଦ୍‌ଗୁରୁଙ୍କ ଲକ୍ଷଣ,  ପରୀକ୍ଷାରେ ଶେବଡ଼େଙ୍କ
ସଫଳତା, ବାବାଙ୍କ ସତ୍ୟ ବଚନ ଓ ସନ୍ତାନ ଦାନ  ୨୯୫-୩୦୦
(୪୯) ପରୀକ୍ଷା : ହରି କା ବେଟା,  ସୋମଦେବ ସ୍ୱାମୀଙ୍କ
ଶଙ୍କା ଦୂର ଓ ନାନାସାହେବ ଚନ୍ଦୋରକରଙ୍କ କଥା ।  ୩୦୧-୩୦୫
(୫୦) କାକାଙ୍କ ଶିରିଡ଼ି ଆଗମନକୁ ପ୍ରତୀକ୍ଷା, ସନ୍ଥଙ୍କ ଭ୍ରାତୃବତ୍
ପ୍ରେମ ଏବଂ ବାଳାରାମ ଧୂରନ୍ଧରଙ୍କ କଥା ।  ୩୦୬-୩୧୧
(୫୧) ଉପସଂହାର  ୩୧୨-୩୧୩
ଫଳଶ୍ରୁତି  ୩୧୪-୩୧୫
ଆରତି  ୩୧୬

